ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
OFFICE OF THE RAJGANGPUR MUNICIPALITY, RAJGANGPUR

ପୌରପାଳିକା କାର୍ଯ୍ୟାଳୟ:
ରାଜଗାଙ୍ଗପୁର-୭୭୦୦୧୭
Municipality Office
Rajgangpur-770017
Tel:-06624-220454

Rajgangpur Municipality    Rajgangpur_Mun    rajgangpurm.hud@nic.in

ସଂଖ୍ୟା: 2540 /ତା: 26.07.2023.

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ୱାରା ରାଜଗାଙ୍ଗପୁର ପୌରପାଳିକାର ସମସ୍ତ ୨୦ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **"ମୁକ୍ତା ଯୋଜନା"** ମାଧ୍ୟମରେ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ୱାର୍ଡ ମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦା ସଙ୍ଘ ମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ **ତା ୦୫.୦୮.୨୦୨୩ ରିଖ ଅପରାହ୍ନ ୫ ଟା ସୁଦ୍ଧା କେବଳ ସ୍ପିଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ମାଧ୍ୟମରେ ଆବେଦନ କରିପାରିବେ।** ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା **ତା ୦୮.୦୮.୨୦୨୩ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି। ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ www.sundargarh.nic.in ଏବଂ www.rajgangpurmuncipality.in ରୁ ମଧ୍ୟ ଡାଉନଲୋଡ କରିପାରିବେ। **ଲଫାଫା ର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହର ରୂପାନ୍ତରିକରଣ -୨୦୨୩" ଲେଖାଥିବା ଆବଶ୍ୟକ ।** ଅଧିକ ଜାଣିବା ପାଇଁ ରାଜଗାଙ୍ଗପୁର ପୌର ପାଳିକା କାର୍ଯ୍ୟାଳୟ ସହ ଯୋଗାଯୋଗ କରି ପାରନ୍ତି।

<u>ବିଶେଷ ଦ୍ରଷ୍ଟବ୍ୟ</u>

୧. ଯେଉଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ରାଜଗାଙ୍ଗପୁର ପୌରପାଳିକାର କୌଣସି ଉନ୍ନୟନମୂଳକ କାର୍ଯ୍ୟ କିମ୍ବା"ମୁକ୍ତା" ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇ ନଥିବେ, ସେହି ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘଙ୍କୁ ଅଗ୍ରାଧିକାର ଦିଆଯିବ

୨. ଯେଉଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ରାଜଗାଙ୍ଗପୁର ପୌରପାଳିକାର ସ୍ଥାୟୀ କାର୍ଯ୍ୟ ଯଥା -(ଆହାର,FSTP ,MCC, MRF, ଚୁଡା ଛତୁଆ ଇତ୍ୟାଦିରେ) ସମ୍ପୃକ୍ତ ହୋଇଥିବେ, ସେହି ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦା ସଙ୍ଘ ଗୁଡିକ ଏଥିପାଇଁ ଆବେଦନ କରିପାରିବେ ନାହିଁ।

୩. କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘ କୌଣସି କଣ୍ଟ୍ରାକ୍ଟର ଙ୍କୁ ନିୟୋଜିତ କରିପାରିବେ ନାହି।

୪. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ କରିବେ ଏବଂ ସେମାନେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାରେ ବିଫଳ ହୁଅନ୍ତି ତେବେ ସେମାନଙ୍କର କାର୍ଯ୍ୟାଦେଶକୁ ବାତିଲ କରାଯିବ ।

୫. ଆବେଦନକାରୀ ଯଦି 06 ମାସ ମଧ୍ୟରେ ୩,00,000/- ଟଙ୍କାରୁ ଅଧିକ କାର୍ଯ୍ୟାଦେଶ ପାଇଥିବେ ତେବେ ସେମାନେ ନୂତନ କାର୍ଯ୍ୟ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

**<u>ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘର ଯୋଗ୍ୟତା ପରିମାପକ ମାନଦଣ୍ଡ</u>**

୧. ଆବେଦନ କରୁଥିବା ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ସମ୍ପୃକ୍ତ ୱାର୍ଡର ହୋଇଥିବେ ।

୨. ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର,ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘର ପରମାନେଣ୍ଟ ଏକାଉଣ୍ଟ ନମ୍ବର (ପାନ ନମ୍ବର) ରହିଥିବା ଆବଶ୍ୟକ ।

୪. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘର ସକ୍ରିୟ ଜମାଖାତା ରହିଥିବା ଆବଶ୍ୟକ ।

୫. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘର କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ.ପି.ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବେ ।

୬. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ଗୋଟିଏ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ଗୋଟିଏ ଆର୍ଥିକ ବର୍ଷରେ ଯଦି ୨.୫ ଲକ୍ଷ ଟଙ୍କାରୁ ଅଧିକ ତଦାରଖ ରାଶି ପାଇଥିବେ ଉକ୍ତ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ସରକାରଙ୍କ ଆୟକର ଦେୟ ପଇଠ କରିଥିବା ଆବଶ୍ୟକ

୮. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘର ପଞ୍ଜୀକରଣ ଅଭିବ୍ୟକ୍ତି ପ୍ରକାଶନ ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

(ସ୍ୱାକ୍ଷର) ୨୬।୦୭।୨୩

ନିର୍ବାହୀ ଅଧିକାରୀ
ରାଜଗାଙ୍ଗପୁର ପୌରପାଳିକା, ରାଜଗାଙ୍ଗପୁର

**ଜ୍ଞାପକ ସଂଖ୍ୟା :** ୨୫୪୧ **/ତାରିଖ :** ୨୬.୦୭.୨୦୨୩

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , ରାଜଗାଙ୍ଗପୁରଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଅନରୋଧ ।

(ସ୍ୱାକ୍ଷର) ୨୬।୦୭।୨୩

ନିର୍ବାହୀ ଅଧିକାରୀ
ରାଜଗାଙ୍ଗପୁର ପୌରପାଳିକା, ରାଜଗାଙ୍ଗପୁର

**ଜ୍ଞାପକ ସଂଖ୍ୟା :** ୨୫୪୨ **/ତାରିଖ :** ୨୬.୦୭.୨୦୨୩.

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠିକା, ରାଜଗାଙ୍ଗପୁର ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଘ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକ କିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଲଗାଇ ଦିଆଗଲା ।

(ସ୍ୱାକ୍ଷର) ୨୬।୦୭।୨୩

ନିର୍ବାହୀ ଅଧିକାରୀ
ରାଜଗାଙ୍ଗପୁର ପୌରପାଳିକା, ରାଜଗାଙ୍ଗପୁର

ଜ୍ଞାପକ ସଂଖ୍ୟା : 2583 /ତାରିଖ : 26.07.2023.

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡ଼ଙ୍କୁ ଜିଲ୍ଲା ୱେବସାଇଟରେ ଅପଲୋଡକରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ରାଜଗାଙ୍ଗପୁର ପୌରପାଳିକା, ରାଜଗାଙ୍ଗପୁର

ଜ୍ଞାପକ ସଂଖ୍ୟା : 2584 /ତାରିଖ : 26.07.2023

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶିକା, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁନ୍ଦରଗଡ଼ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ରାଜଗାଙ୍ଗପୁର ପୌରପାଳିକା, ରାଜଗାଙ୍ଗପୁର

ଜ୍ଞାପକ ସଂଖ୍ୟା : 2585 /ତାରିଖ : 26.07.2023

ଏହାର ଏକକିତା ନକଲ ଜିଲ୍ଲାପାଳ ସୁନ୍ଦରଗଡ଼ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ରାଜଗାଙ୍ଗପୁର ପୌରପାଳିକା, ରାଜଗାଙ୍ଗପୁର

ଜ୍ଞାପକ ସଂଖ୍ୟା : 2586 /ତାରିଖ : 26.07.2023

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ମୁକ୍ତା,ଗୃହ ଓ ନଗର ଉନ୍ନୟନ ବିଭାଗ ଭୁବନେଶ୍ବରଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ରାଜଗାଙ୍ଗପୁର ପୌରପାଳିକା, ରାଜଗାଙ୍ଗପୁର

# ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା)

## ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ ପାଇଁ ଆବେଦନ ପତ୍ର

**ପ୍ରକଳ୍ପ ନାମ :** ______________________________, ତାରିଖ : ............/ ....... / .................

୧. ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଙ୍ଘର ନାମ –

୨. ଗୋଷ୍ଠୀ/ସଙ୍ଘର ସଭାପତି ଏବଂ ସମ୍ପାଦିକାଙ୍କ ମୋବାଇଲ ନମ୍ବର :............................/.........................

୩. ଗୋଷ୍ଠୀ/ସଙ୍ଘର ଠିକଣା (ୱାର୍ଡ ନମ୍ବର ସହିତ)-

୪. ସମ୍ପୃକ୍ତ ସଦସ୍ୟା/ସଦସ୍ୟଙ୍କ ସଂଖ୍ୟା :

୫. ଗୋଷ୍ଠୀ/ସଙ୍ଘର ପଞ୍ଜିକରଣ ନମ୍ବର:

୬. ସଞ୍ଚୟ ଖାତା ନମ୍ବର :

୭. ବ୍ୟାଙ୍କ ଓ ଶାଖା ର ନାମ :

୮ . IFSC କୋଡ୍:

୯. ଗୋଷ୍ଠୀ/ସଙ୍ଘର PAN କାର୍ଡ ନମ୍ବର:

୧୦. ସଞ୍ଚୟ ଖାତାରେ ଥିବା ବଳକା ରାଶିର ପରିମାଣ :

୧୧. ପଞ୍ଚସୂତ୍ର ନିୟମାବଳୀ ଅନୁସରଣ କରୁଛନ୍ତି କି ? ............

୧୨. ଚଳିତ ବର୍ଷ ପାଇଥିବା କାର୍ଯ୍ୟର ସମୁଦାୟ ଆର୍ଥିକ ମୂଲ୍ୟ ............

୧୩. ଚଳିତ ବର୍ଷ ମୁକ୍ତା ଯୋଜନାରେ ପାଇଥିବା ସମୁଦାୟ କାର୍ଯ୍ୟର ବିବରଣୀ (କାର୍ଯ୍ୟର ନାମ ଏବଂ ଏହାର ଆର୍ଥିକ ମୂଲ୍ୟ )

**ଦସ୍ତଖତ (ସଭାପତି)**

**ଦସ୍ତଖତ(ସମ୍ପାଦିକା/ ସମ୍ପାଦକ)**

**ଦରଖାସ୍ତ ସହିତ ପ୍ରମାଣ ପତ୍ର –**

୧. Resolution ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୨. ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୩. କ୍ୟାଶ ବୁକ୍‌ର ନକଲ

୪. ID (ଆଧାର) ନକଲ

୫. PAN କାର୍ଡ ର ନକଲ

୬. ପୂର୍ବରୁ ପାଇଥିବା କାର୍ଯ୍ୟାଦେଶର ପ୍ରମାଣ ପତ୍ର

**ନିର୍ବାହୀ ଅଧିକାରୀ**

**ପ୍ରକଳ୍ପ ସଂଯୋଜକ (ମୁକ୍ତା)**

---

Received the Expression of Interest from...................................................... SHG/Federation..............................,
on date ................................................... For the construction of ________________________



**Authorized Signatory**

**ULB**

**Date**

## ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବେ

- ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘ ଗଠନ ହେବାର ରେଜୋଲୁସନ ର ଫଟୋକପି ।
- "ମୁକ୍ତା" କାର୍ଯ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘ ଦ୍ଵାରା ପାସ୍ ହୋଇଥିବା ରିଜୋଲ୍ୟୁସନ୍ରର ଫଟୋକପି।
- ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘର ଶେଷ ମିଟିଂ ରିଜୋଲ୍ୟୁସନ୍ରର ଫଟୋକପି।
- ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘର ବ୍ୟାଙ୍କ ପାସବୁକର ଫଟୋକପି (ପ୍ରଥମ ଏବଂ ଶେଷପୃଷ୍ଠା)।
- ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘର ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘର ବିଗତ ୬ ମାସ ର ରିଜୋଲୁସନ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘର ବିଗତ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଘର ବିଗତ ୬ ମାସ ର କ୍ୟାଶ୍ ବୂକର ଫଟୋକପି ।

[signature]

Executive Officer
Rajgangpur Municipality

# Land Identification- URBAN Infra 2.0 (MUKTA) under Rajgangpur Municipality 2023-2024

| SL No | Types of project | No. of projects | Ward No. | Proposed Location | Estimate Cost |
|---|---|---|---|---|---|
| 1 | Mini Park | 3 | 11 | Surudhi near Mission Shakti | 1450000.00 |
| | | | 15 | at Kumarkela | 1450000.00 |
| | | | 18 | Near Banthupada Mission | 1450000.00 |
| 2 | City Beautification | 5 | 3 | I.G. Park | 400000.00 |
| | | | 3 | Shital Mandir to NAC Building | 150000.00 |
| | | | 4 | Govt. Hospital Campus | 300000.00 |
| | | | 9 | I T Colony field boundary wall | 300000.00 |
| | | | 14 | Birsa Munda field | 350000.00 |
| 3 | Multi-Purpose Community Center | 3 | 8 | Kisanpada | 850000.00 |
| | | | 10 | At Rusutoli near Balosus | 850000.00 |
| | | | 20 | Shiv Temple back side | 850000.00 |
| 4 | Playground | 2 | 9 | I T Colony field | 600000.00 |
| | | | 10 | At Sukhiayatoli, Manderia | 1450000.00 |
| 5 | Loo | 2 | 1 | Veterinary Hospita | 280000.00 |
| | | | 8 | Line-3 Gate | 280000.00 |
| 6 | Vending Zone | 4 | 1 | Near Baba Talab | 1200000.00 |
| | | | 8 | Liploi Bus stand | 1450000.00 |
| | | | 11 | Line-3 Gate infront of Kishor | 1160000.00 |
| | | | 14 | Ranibandha Chowk | 1450000.00 |
| 7 | Walking Track | 5 | 1 | Mohana Keshri house | 650000.00 |
| | | | 2 | Bablu house towards Paka | 750000.00 |
| | | | 2 | Nasad Building towards | 1200000.00 |
| | | | 2 | Kamal hose towards Main | 250000.00 |
| | | | 11 | Surudhi main road to Mission | 250000.00 |
| 8 | Walking Track | 18 | 12 | Bapi Pal house to OCL | 600000.00 |
| | | | 13 | Barupada, Sunafhula house | 600000.00 |
| | | | 15 | Prem Nag house to | 500000.00 |
| | | | 16 | Chhinde house towards | 600000.00 |
| | | | 16 | Bijay Singh house towardslate | 600000.00 |
| | | | 17 | Rabindra singh house towards | 300000.00 |
| | | | 17 | Nandlal gali towards Station | 400000.00 |
| | | | 19 | Javed house to Raibul house | 400000.00 |
| | | | 19 | Sabir khan house to Hasboo | 500000.00 |
| | | | 20 | Heda Master house towards | 500000.00 |
| | | | 3 | In front of Vending Zone | 700000.00 |
| | | | 14 | In front of SDPO office | 250000.00 |
| | | | 4 | UCO Bank both side pathway | 1480000.00 |
| | | | 5 | Kalyan Mandap to | 800000.00 |
| | | | 6 | Ghanshyam Prajapati house | 900000.00 |
| | | | 7 | Shiv Temple to Tahslidar | 1000000.00 |
| | | | 7 | Magistrate Office to Block | 700000.00 |
| | | | 18 | Infront of Aurobindo school | 1490000.00 |
| | | | | **Total** | **31690000.00** |